# ନବୀନବାବୁଙ୍କ 'ଆଶ୍ଚର୍ଯ୍ୟ ମିଠା'

୦୭/୦୪/୨୦୦୨

## ଆମ ଘରର ହାଲ୍‌ଚାଲ୍

**ସୌମ୍ୟରଂଜନ ପଟ୍ଟନାୟକ**

ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସପ୍ତାହରେ ସୂଚନା ଦେଇଛନ୍ତି। ଏହା ଏକ 'ଫ୍ରିଜାଣ୍ଟ ସରପ୍ରାଇଜ୍' ହେବ ବୋଲି ସେ ନିଜେ କହିଛନ୍ତି। ତେବେ ନବୀନବାବୁଙ୍କର ଏ 'ଆଶ୍ଚର୍ଯ୍ୟ ମିଠା'ଟି କ'ଣ? ସମ୍ଭବତଃ ବିଧାନସଭାର ବଜେଟ୍ ଅଧିବେଶନ ପରେ ପରେ ଆମ ସମସ୍ତଙ୍କୁ ନବୀନବାବୁଙ୍କର ଏ ମିଠାଟି ଖାଇବାକୁ ମିଳିବ। ତେବେ ତାହା ସମସ୍ତଙ୍କ ପାଇଁ ଗ୍ରହଣୀୟ ହେବ କି ନାହିଁ, ସେ ନେଇ ଆମର କାହିଁକି ସନ୍ଦେହ ରହିଯାଉଛି। କୁହାଯାଉଛି, ପ୍ରସ୍ତାବିତ ପରିବର୍ତ୍ତନରେ କିଛି ମନ୍ତ୍ରୀଙ୍କୁ ବାଦ୍ ଦିଆଯିବ। କିଛି ମନ୍ତ୍ରୀଙ୍କ ବିଭାଗରେ ଅଦଳବଦଳ କରାଯିବ ଏବଂ କିଛି ନୂଆ ମୁହଁକୁ ମନ୍ତ୍ରୀ ପଦ ଦେଇ ତୁଷ୍ଟ ବା ପୁରସ୍କୃତ କରାଯିବ। ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରିବା ମୁଖ୍ୟମନ୍ତ୍ରୀଙ୍କର ସମ୍ପୂର୍ଣ୍ଣ ଇଚ୍ଛାଧୀନ ବ୍ୟାପାର। ସେ ନେଇ ଏ ସମ୍ପର୍କରେ ବିଶେଷ ଆଲୋଚନାର ଅବକାଶ ନ ଥିଲେ ମଧ୍ୟ ଗୋଟିଏ ଦୁଇଟି ପ୍ରଶ୍ନ ଉତ୍‌ଥାପନ କରିବା ନିଶ୍ଚୟ ପ୍ରାସଙ୍ଗିକ ହେବ।

ପ୍ରଥମ ପ୍ରସଙ୍ଗଟି ହେଲା ମନ୍ତ୍ରିମଣ୍ଡଳର ଆକାର। ଆମ ସମ୍ବିଧାନରେ ମନ୍ତ୍ରିମଣ୍ଡଳର ଆକାର ନେଇ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ। କିନ୍ତୁ ଦେଖାଯାଉଛି, ଗତ ୫୦ ବର୍ଷ ଭିତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ମନ୍ତ୍ରିମଣ୍ଡଳଗୁଡ଼ିକର ଆକାର ବଢ଼ୁଛି ସିନା ଛିଡୁନାହିଁ। ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀମାନେ ରାଜନୈତିକ ଚାପରେ ମନ୍ତ୍ରିମଣ୍ଡଳର ଆକାର ବୃଦ୍ଧି କରିବାପାଇଁ ବାଧ୍ୟ ହେଉଛନ୍ତି। ଆମ ବିଚାରରେ ମନ୍ତ୍ରିମଣ୍ଡଳର ଆକାରକୁ କେବଳ ଏକ ରାଜନୈତିକ ପ୍ରସଙ୍ଗ କରି ଦେଖିବା ଉଚିତ ହେଉ ନାହିଁ। ଏହି ପରିପ୍ରେକ୍ଷୀରେ ସରକାରିଆ କମିଶନଙ୍କର ସୁପାରିଶ ଆମ ସମସ୍ତଙ୍କର ପ୍ରଣିଧାନଯୋଗ୍ୟ। କମିଶନ ସୁପାରିଶ କରିଥିଲେ ଯେ, ବିଧାନସଭାର ଆକାର ଅନୁପାତରେ ମନ୍ତ୍ରିମଣ୍ଡଳର ସଂଖ୍ୟା ହେବା ଉଚିତ। ବିଧାନସଭାର ସଭ୍ୟ ସଂଖ୍ୟାର ଏକ ଦଶମାଂଶ ମନ୍ତ୍ରିମଣ୍ଡଳର ସଂଖ୍ୟା ହେବା କଥା। ଓଡ଼ିଶାର ୧୪୭ ଜଣ ସଭ୍ୟ ବିଶିଷ୍ଟ ବିଧାନସଭା ପାଇଁ ମନ୍ତ୍ରିମଣ୍ଡଳର ସଭ୍ୟ ସଂଖ୍ୟା ୧୫ ହେଲେ ଚଳିବ। ତିନିଜଣ ମନ୍ତ୍ରୀଙ୍କ ବହିଷ୍କାର ପରେ ଏବେ ବି ଆମ ମନ୍ତ୍ରିମଣ୍ଡଳର ସଂଖ୍ୟା ୨୨ ଅଛି। ଏହା ସୁପାରିଶ ସଂଖ୍ୟାଠାରୁ ୭ ଅଧିକ। ତେଣୁ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କଥା ଉଠୁଛି କାହିଁକି?

ଅନେକ ଯୁକ୍ତି କରିପାରନ୍ତି ଯେ, ତିନିଜଣ ମନ୍ତ୍ରୀଙ୍କୁ ବାଦ୍ ଦେବା ଫଳରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ଅବହେଳିତ ଅବସ୍ଥାରେ ଅଛନ୍ତି। ପୁଣି ଦୁଇଜଣ ମନ୍ତ୍ରୀ ବର୍ଷେରୁ ଅଧିକ କାଳ ଅସୁସ୍ଥ ହୋଇ ରହିଥିବା ଦୃଷ୍ଟିରୁ ନିଜ ନିଜ ବିଭାଗର ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିପାରୁନାହାନ୍ତି। ଏଣୁ ଏମାନଙ୍କୁ ବାଦ୍ ଦେଇ ତାଙ୍କ ବଦଳରେ ୫ ଜଣ ନୂଆ ମନ୍ତ୍ରୀଙ୍କୁ ନିଆଯିବା ଉଚିତ। ଆମର ଯୁକ୍ତି ହେଲା, ୫ ଜଣ ମନ୍ତ୍ରୀଙ୍କର ଅନୁପସ୍ଥିତି ବା ଅସୁସ୍ଥତା ଗତକାଲିର ଘଟଣା ନୁହେଁ। ଗତ ଏକ ବର୍ଷ ଧରି ଏମାନଙ୍କର ସେବାରୁ ନବୀନବାବୁ ଆମକୁ ବଞ୍ଚିତ କରିଛନ୍ତି। ଆଜି ଯଦି ବିଭାଗର ଅବହେଳା କଥା କୁହାଯିବ, ତାହାହେଲେ ପ୍ରକାରାନ୍ତରେ ଏକ ବର୍ଷ ଧରି ନବୀନବାବୁ ଓଡ଼ିଶାବାସୀଙ୍କୁ ଏହି ବିଭାଗଗୁଡ଼ିକର ଉଚିତ ସେବାରୁ ବଞ୍ଚିତ କରି ପ୍ରତାରିତ କରିଛନ୍ତି ବୋଲି ମଧ୍ୟ କହିବାକୁ ହେବ। ଆଜି ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନେ ସମସ୍ତେ ସରକାରଙ୍କ ଦେବାଳିଆ ପରିସ୍ଥିତି ବିଷୟରେ ଆମକୁ ସଚେତନ କରାଉଛନ୍ତି। ବିଶ୍ୱବ୍ୟାଙ୍କ ଏବଂ ଅନୁଦାନ ଦେଉଥିବା ସଂସ୍ଥାମାନଙ୍କ ଚାପରେ ଖର୍ଚ୍ଚକାଟ କରିବା କଥା କହୁଛନ୍ତି। ଅଦରକାରୀ ସରକାରୀ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଅବସର ଦିଆଯିବା କଥା କୁହାଯାଉଛି। ସରକାରୀ କଳକୁ ଛୋଟ କରି ଅନ୍ତତଃପକ୍ଷେ ଶତକଡ଼ା ୨୦ ଭାଗ କର୍ମଚାରୀ ସଂଖ୍ୟା କମାଯିବ ବୋଲି କୁହାଯାଉଛି। ସବୁକଥାକୁ ଛୋଟ କରି ଅଧିକ ପ୍ରାସଙ୍ଗିକ କରିବା କଥା କୁହାଯାଉଥିଲାବେଳେ ମନ୍ତ୍ରିମଣ୍ଡଳକୁ କାହିଁକି ବଡ଼ କରାଯିବ? ସାଧାରଣ ଲୋକେ ହୁଏତ ଜାଣିନାହାନ୍ତି ଯେ ଗୋଟିଏ ଗୋଟିଏ ବିଭାଗର ମନ୍ତ୍ରୀମାନଙ୍କୁ ତାଙ୍କ ଗାଡ଼ିରେ ତେଲ ପକାଇବା ପାଇଁ ଆବଶ୍ୟକ ପଡୁଥିବା ଅର୍ଥ ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି। ମନ୍ତ୍ରୀଙ୍କ ଗାଡ଼ିରେ ତେଲ ପକାଇବା ପାଇଁ ହୁଏତ ଅନେକ ଲୋକ ରାଜି ହୋଇଯାଉଥିବେ। ତାଙ୍କ ନାଲିବତୀଟିକୁ କାଢ଼ି ଅନ୍ୟ କୌଣସି ବେସରକାରୀ ଗାଡ଼ିରେ ଲଗେଇବାକୁ ମନ୍ତ୍ରୀ ମହୋଦୟ ଅନୁମତି ଦେଲେ ତେଲ କାହିଁକି, ଆହୁରି ଅନେକ କଥା କରିବାପାଇଁ ବହୁ ଲୋକ ରାଜି ହୋଇଯିବେ। ଏହା କ'ଣ ଆମ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ପାଇଁ ସମ୍ମାନଜନକ ହେଉଛି? ଆମ କ୍ଷମତାସୀନ ଦଳର ମାନ୍ୟବର ବିଧାୟକମାନେ ଏଭଳି ମନ୍ତ୍ରୀ ହେବାପାଇଁ ବିକଳ ହେଉଛନ୍ତି କାହିଁକି? ମୁଖ୍ୟମନ୍ତ୍ରୀଙ୍କ ଉପରେ ତାଙ୍କର ରାଜନୈତିକ ଚାପ ତାଙ୍କ ସରକାର ସମ୍ପର୍କରେ କି ସୂଚନା ଦେବ? ଗତକାଲିର ଦାମ୍ଭିକତା ପ୍ରଦର୍ଶନ କରୁଥିବା ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟସଭା ନିର୍ବାଚନ ପରେ କି ବାଧ୍ୟବାଧକତାର ସମ୍ମୁଖୀନ ହୋଇଛନ୍ତି? ଏକଥା କ'ଣ ଓଡ଼ିଶାବାସୀଙ୍କର ଜାଣିବାର ଅଧିକାର ନାହିଁ?

ସମ୍ପ୍ରସାରଣର ପ୍ରାସଙ୍ଗିକତା ନ ଥିଲେ ମଧ୍ୟ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନର ପ୍ରଶାସନିକ ଆବଶ୍ୟକତା ଯଥେଷ୍ଟ ବଢ଼ିଯାଇଛି। ନବୀନବାବୁଙ୍କର ଏହି ମନ୍ତ୍ରିମଣ୍ଡଳ ଦୁଇବର୍ଷ ପୂରଣ କରିସାରିଲାଣି। ନିଜ ସହଯୋଗୀମାନଙ୍କର କାର୍ଯ୍ୟଦକ୍ଷତା ବିଷୟରେ ଅବଗତ ହେବାପାଇଁ ଦୁଇବର୍ଷର ଅନୁଭବ ଯଥେଷ୍ଟ। ଯେଉଁ କନିଷ୍ଠ ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତାରେ ସେ ସନ୍ତୁଷ୍ଟ, ସେମାନଙ୍କୁ ପୁରସ୍କୃତ କରିବାର ସମୟ ଆସିଛି। ଯେଉଁ ବରିଷ୍ଠ ମନ୍ତ୍ରୀମାନେ ନିଜର ଦୀର୍ଘ ଅନୁଭବ ସତ୍ତ୍ୱେ ବିଭାଗର ସୁପରିଚାଳନା ପାଇଁ ସକ୍ଷମ ହୋଇନାହାନ୍ତି, ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବା ବା ତାଙ୍କର ବିଭାଗରେ ପରିବର୍ତ୍ତନ କରିବା ସମୟ ମଧ୍ୟ ଆସିଛି। ଏହାଦ୍ୱାରା କେବଳ ମୁଖ୍ୟମନ୍ତ୍ରୀଙ୍କର କର୍ତ୍ତୃତ୍ୱ ପ୍ରତିପାଦିତ ହେବନାହିଁ, ଅବହେଳା ପ୍ରଦର୍ଶନ କରୁଥିବା ମନ୍ତ୍ରୀମାନଙ୍କୁ ଉଚିତ ଶିକ୍ଷା ମଧ୍ୟ ଦେଇହେବ। ପୁଣି ନିଷ୍ଠାପର ବ୍ୟକ୍ତିମାନଙ୍କୁ ଆବଶ୍ୟକ ଉତ୍ସାହ ପ୍ରଦାନ କରିବା ପାଇଁ ସୁଯୋଗ ସୃଷ୍ଟି କରିହେବ। ଏହା ହିଁ ପ୍ରଶାସନର ନିୟମ। ଏଇଥିପାଇଁ ମଝିରେ ମଝିରେ ମନ୍ତ୍ରୀମାନଙ୍କର ବିଭାଗ ଅଦଳବଦଳର ଆବଶ୍ୟକତା ପଡ଼ିଥାଏ। ଏକ ସମ୍ପୂର୍ଣ୍ଣ ପ୍ରଶାସନିକ ଆବଶ୍ୟକତାକୁ ଅଣଦେଖା କରି ଯଦି ରାଜନୈତିକ ଦୃଷ୍ଟିକୋଣରୁ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯାଏ ବା ଅଦକ୍ଷ ଓ ଉଦାସୀନ ମନ୍ତ୍ରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ସଙ୍କୋଚ କରନ୍ତି, ତାହାହେଲେ ମୋଟାମୋଟି ଭାବେ ତାଙ୍କର ଦୁର୍ବଳତା ପ୍ରମାଣିତ ହେବ ସିନା ସରକାରର ଭାବମୂର୍ତ୍ତି ବା ଦକ୍ଷତା ଦୃଷ୍ଟିରୁ କୌଣସି ସୁଫଳ ମିଳିବ ନାହିଁ।

ଆମର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ, ସେ ସମ୍ପ୍ରସାରଣରେ ନ ମାତି ସଙ୍କୋଚନ କଥା କୁହନ୍ତୁ। ସହଯୋଗୀ ଭାରତୀୟ ଜନତା ପାର୍ଟିର ନେତାଙ୍କୁ ମଧ୍ୟ ଏକଥା ବୁଝାନ୍ତୁ। ବିଜେପି ଗତ ନିର୍ବାଚନଗୁଡ଼ିକରେ ଜନସାଧାରଣଙ୍କର ଯେପରି ରୋଷର ଶିକାର ହୋଇଛି, ଓଡ଼ିଶାରେ ତାହାର ପୁନରାବୃତ୍ତି ନ ଘଟୁ। କ୍ଷମତାସୀନ ଦଳର ମାନ୍ୟବର ବିଧାୟକମାନେ ନିଜ ନିଜ ନେତାଙ୍କ ଉପରେ ଚାପ ପ୍ରୟୋଗ କରିବା ପରିବର୍ତ୍ତେ ଖୋଲାଖୋଲି ପ୍ରସ୍ତାବ ଦିଅନ୍ତୁ। ମନ୍ତ୍ରିମଣ୍ଡଳର ସଂଖ୍ୟା ୧୫ ହେଉ। ବିଜେଡିରୁ ୯ ଜଣ ଏବଂ ବିଜେପିରୁ ୬ ଜଣଙ୍କୁ ନେଇ ଏକ ଛୋଟ ଅଥଚ ଦକ୍ଷ ମନ୍ତ୍ରିମଣ୍ଡଳ ଗଠନ କରାଯାଉ। ଦଳର ନେତୃମଣ୍ଡଳୀଙ୍କର ନିଷ୍ପତ୍ତିକୁ ଏ କ୍ଷେତ୍ରରେ ଅକୁଣ୍ଠିତ ସମର୍ଥନ ପ୍ରଦାନ କରିବାପାଇଁ ଆମର କ୍ଷମତାସୀନ ଦଳର ବିଧାୟକମାନେ ଆଗେଇ ଆସନ୍ତୁ। ଓଡ଼ିଶାର ଏ ଆର୍ଥିକ ସଙ୍କଟ ସମୟରେ ନିଜର ସଙ୍କଳ୍ପ ଓ ଓଡ଼ିଶାକୁ ଭଲ ପାଇବାର ପ୍ରମାଣ ଦିଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କର 'ଆଶ୍ଚର୍ଯ୍ୟ ମିଠା' ପ୍ୟାକେଟରେ ୧୫ଟି ରକମ ରକମ ଭଲ ମିଠା ରହୁ। ଓଡ଼ିଶାବାସୀ ତାହାକୁ ସଂଖ୍ୟାରେ ଅଳ୍ପ ହେଲେ ମଧ୍ୟ ସ୍ୱାଦରେ ଗ୍ରହଣ କରିବେ। ଅନ୍ୟଥା କ୍ଷମତାସୀନ ମେଣ୍ଟ ସରକାର ଆମକୁ ପ୍ରତାରିତ କରୁଛନ୍ତି ବୋଲି ବୁଝିବାକୁ ହେବ।